ଓ ଚାରିଆଡ଼େ ଚାରିଟା ବଡ଼ ବଡ଼ ଆଲୁଅ ଦିଆଗଲା । ପୁରନ୍ଦର ଅନର୍ଗଳ କହିବାରେ ଲାଗିଛନ୍ତି – ଗାଁର ଲୋକ – ଯେ ନିଜ ଗାଁକୁ ବା ଅତି ବଡ଼ରେ ଆଖପାଖ ଖଣ୍ଡ ଗାଁକୁ ନେଇ ଯାହାକୁ ସେ ଅଞ୍ଚଳ ବୋଲି, ତାକୁ ନିଜର ଦେଶ ବୋଲି ମନେ କରନ୍ତି; ଜିଲ୍ଲା ବୋଲନ୍ତେ ଯାହାର ଆଖି ଫୌଜଦାରୀ ଅପିଲ ମୋକଦ୍ଦମା ଯେଉଁଠି ଶୁଣାଣି ହୁଏ ସେଠିକି ଯାଏ, ପ୍ରଦେଶ ବୋଲନ୍ତେ ଯେ କିଛି ବୁଝନ୍ତି ନାହିଁ, ଜୀବନରେ ଯେ ମାନଚିତ୍ର କେବେ ହେଲେ ଦେଖି ନାହାନ୍ତି, ସେ ଆୟର୍ଲାଣ୍ଡର ବିପ୍ଳବ, ରୁଷିଆର ବିପ୍ଳବ, ଚୀନ୍‌ର ଜାତୀୟତା ଆନ୍ଦୋଳନ ଏସବୁ ବା କୁଆଡୁ ବୁଝିବେ । ପଞ୍ଜାବ ବୋଲନ୍ତେ କଅଣ ବୁଝାଏ, ତାଙ୍କର ମସ୍ତିଷ୍କ ସେଠି ପ୍ରବେଶ କରୁନାହିଁ; ତଥାପି ନିଜର ଉତ୍ସାହକୁ ସନ୍ତୋଷ କରିବାପାଇଁ ପୁରନ୍ଦର ଓଜସ୍ୱିନୀ ଭାଷାରେ ବକ୍ତୃତା ଦେଇ ଚାଲି ଯାଉଛନ୍ତି । ଫୁଲର ଆକାର ନ ଦେଖି ସୁଦ୍ଧା ଗନ୍ଧଦ୍ୱାରା ଯେପରି ତା'ର ଅନୁଭବ ଜାଗ୍ରତ ହୁଏ, ସେହିପରି କଥା ନ ବୁଝି ମଧ୍ୟ କଥାର ଉତ୍ସାହରେ ଲୋକେ ପ୍ରଭାବିତ ହେଉଥାଆନ୍ତି । ମୋଟାମୋଟି ଭାବରେ ସେମାନଙ୍କର ଗୋଟାଏ କୁହୁଡ଼ିପରି ଧାରଣା ଜାତ ହେଉଥାଏ, ଯେ ସେମାନଙ୍କ ଦୁଃଖ ବର୍ତ୍ତମାନ ଶେଷ ହେବା ଉପରେ । ଏହି ଆଶା ସେମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଲାପରି ରଖିଥାଏ । ସାପ ପଦ୍ମତୋଳା ଶୁଣିଲାପରି ସମସ୍ତେ ବକ୍ତାଙ୍କ ଆଡ଼କୁ ଅନାଇ ଥାଆନ୍ତି ।

ସଭା ପଛପଟରୁ ଧୀରେ ଧୀରେ ଅଳ୍ପ କୋଳାହଳ ଆରମ୍ଭ ହେଲା । ଜଣେ ଜଣେ କରି ସେ ଆଡ଼କୁ ଅନାଉଁ ଅନାଉଁ ଓ ପ୍ରତ୍ୟେକ ଟିକିଏ ଟିକିଏ କରି ଶବ୍ଦ କରୁ କରୁଁ ଶେଷରେ ସଭାର ସମଷ୍ଟି ଦୃଷ୍ଟି ସେହି ଆଡ଼କୁ ଚାଲିଗଲା– କୋଳାହଳର ମଧ୍ୟ ବଡ଼ ଆକାର ଧାରଣା କଲା । ପୁରନ୍ଦର ଶ୍ରୋତାମାନଙ୍କ ଅନ୍ୟମନସ୍କତାରେ ବିରକ୍ତ ହେବା ଦୂରେ ଥାଉ ସେ ମଧ୍ୟ ଦୂରକୁ ଚାହିଁ ଦେଇ ତା' ମନ ସେ ଆଡ଼େ ଚାଲିଗଲା– ସେ ନୀରବ ହୋଇଗଲା । 'ପ୍ରତିଭା ଦେବୀ ଆସୁଛନ୍ତି – ନୂଆ ସାଆନ୍ତାଣୀ ଆସୁଛନ୍ତି' ବୋଲି ସମସ୍ତେ କାନ କୁହାକୁହି ହେଉ ହେଉ 'ହରିବୋଲ' 'ଜୟ ମାହାତ୍ମା ଗାନ୍ଧୀ କି ଜୟ' ନିନାଦରେ ସଭାସ୍ଥଳ କମ୍ପିଗଲା । 'ବସି ଯାଆନ୍ତୁ ଭାଇମାନେ' କହି ପୁରନ୍ଦର ଚିତ୍କାର କରୁଛନ୍ତି; ମାତ୍ର ଶୁଣୁଛି କିଏ ? ସମସ୍ତେ ଆହରା– ହାକିମ ମଧ୍ୟ ଚୌକିରେ ଛିଡ଼ାହେଇ ଏକ ଦୃଷ୍ଟିରେ ସେ ଆଡ଼କୁ ଅନାଇଛନ୍ତି । ଏ ସେହି ବାଳିକା, ଯାହାକୁ ସେ ଜୀବନରେ ଦିନେ ହୃଦୟରେ ସ୍ଥାନ ଦେଇଥିଲେ । ଯାହାର ମୁଖମଣ୍ଡଳକୁ ଅନେକ ଦିନ ପର୍ଯ୍ୟନ୍ତ ସ୍ମୃତିପଟରେ ଆଙ୍କି ରଖିଥିଲେ – କେତେ ଅତୀତ ସ୍ମୃତି ମହେନ୍ଦ୍ରବାବୁଙ୍କ ମସ୍ତିଷ୍କରେ ଖେଳିଗଲା– ଚାହୁଁ ଚାହୁଁ ପ୍ରତିଭାକୁ ବାଟ କଢ଼ାଇ ପ୍ରକାଶ ସଭା ମଝିକୁ ନେଇ ଆସିଲେ ।'

ପ୍ରତିଭା ମୁହଁରେ ସଙ୍କୋଚର ଚିହ୍ନ ସୁଦ୍ଧା ନାହିଁ, ତା'ର ଆଖିରୁ ଏକପ୍ରକାର ଜ୍ୟୋତି ବାହାରୁଛି । ତା'ର ସମୁଦାୟ ଶରୀର ଏପରି ଦୃଢ଼ତା ବ୍ୟଞ୍ଜନ କରୁଛି ଯେ, ଯେପରି କୌଣସି ପହିଲିମାନ କୁସ୍ତି ଲଢ଼ିବାପାଇଁ ଫୁଲୁକା ଉପରକୁ ଉତୁରନ୍ତି । ଦୃଢ଼ ଓ ଗମ୍ଭୀର ଭାବରେ ସେ ସଭାର ଚାରିଆଡ଼କୁ ଚାହିଁଦେଇ ପ୍ରକାଶଙ୍କ ଆଡ଼କୁ ଅନାଇଲା । ପ୍ରକାଶ ଚୁପ୍ କରି କହିଦେଲେ, 'ତୁମର ଯାହା କହିବାର କହି ଦିଅ, ଲୋକେ ଅନେକବେଳୁ ଆସିଲେଣି ଓ ଅନେକ କିଛି ଶୁଣିଲେଣି ।'

ପ୍ରତିଭା କିଛିକ୍ଷଣ ସ୍ଥିର ହୋଇ ଛିଡ଼ା ହୋଇ ତା'ର ସ୍ୱର ଯେତେ ଉଚ୍ଚକୁ ଉଠିପାରେ ଉଠାଇ କଥା ଉପରେ ଜୋର ଦେଇ କହିଲା, 'ଭାଇମାନେ, ମୁଁ ନୂଆ ହୋଇ ପିଞ୍ଜରାରୁ ଆଜି ବାହାରିଛି – ମୁଁ ଭଲ ଉଡ଼ି ପାରିନାହିଁ; ତେଣୁ ମୋ'ଠାରୁ ବେଶି କିଛି ଆପଣମାନେ ଆଶା କରିବେ ନାହିଁ । ତେବେ ଏତିକି, ମୁଁ ଆପଣମାନଙ୍କ ସାଙ୍ଗରେ ସମଦୁଃଖିନୀ ହେବାପାଇଁ ମୁଁ ବାହାରିପଡ଼ିଛି । ଆପଣମାନଙ୍କ ଭଲ ମୋର ଭଲ – ଆପଣମାନଙ୍କ ମନ୍ଦ ହେଲେ ମୋର ମନ୍ଦ । ସୂର୍ଯ୍ୟ ଉଇଁଲାବେଳେ ସଂସାରରେ ଆଲୋକ ପଡ଼ିବା ପୂର୍ବରୁ ଯେପରି କୁମ୍ଭାଟୁଆ ରାବି ଉଠେ, ସେହିପରି ଆଜିକାର ଏ ସଭା ସମସ୍ତ ଅତ୍ୟାଚାର ଲୋପକରି ଶେଷରେ ଶାନ୍ତିର ଆଲୋକ ବିସ୍ତାରର ସନ୍ଦେଶ ହେଉ । ମୁଁ ମଧ୍ୟ ମୋର କ୍ଷୀଣ ଶକ୍ତି ସେ ଲକ୍ଷ୍ୟ ସାଧନରେ ଖଟାଇବି– ମୋର ଆଉ କିଛି ବେଶି କହିବାର ନାହିଁ ।' ଏହା କହି ସେ ବସି ପଡ଼ିଲେ । ବସି ପଡ଼ିବା ମାତ୍ରକେ ସେ ଅଚେତନ ପ୍ରାୟ ହୋଇଗଲେ, ଯେପରି କି କୌଣସି ମନ୍ତ୍ରବଳରେ ସେ ଛିଡ଼ା ହୋଇ କିଛି କହୁଥିଲେ । କହିସାରିବା ପରେ ତାଙ୍କ ଦେହରୁ ସେ କୃତ୍ରିମ ଶକ୍ତି ଚାଲିଗଲା । ପ୍ରକାଶ ତାଙ୍କୁ ଧରି ପକାଇ ତାଙ୍କ ମୁଣ୍ଡ ନିଜ ଲୁଗାକାନିରେ ବିଞ୍ଚିବାରେ ଲାଗିଲେ; କିନ୍ତୁ ଏ ଆଡ଼କୁ ଦୃଷ୍ଟି କେବଳ ସେହି ପାଖ ଲୋକ କେତେ ଜଣଙ୍କର – ବାକି ସମସ୍ତେ 'ହରିବୋଲ' 'ମହାତ୍ମା ଗାନ୍ଧି କି ଜୟ' କହିବାରେ ଲାଗିଛନ୍ତି । ପ୍ରକାଶଙ୍କ ନିର୍ଦ୍ଦେଶରେ ଲୋକଙ୍କୁ ଚାଲିଯିବା ପାଇଁ ପୁରନ୍ଦର ଖୁବ୍ ଚିତ୍କାର କରି କହୁଥାନ୍ତି, ମାତ୍ର ଶୁଣୁଛି ବା କିଏ ? ଧୀରେ ଧୀରେ ସମସ୍ତେ ସେହି ପ୍ରତିଭାକୁ କେନ୍ଦ୍ରକରି ଘେରି ଆସିଲେଣି । ଏକ ବିରାଟ ଜନତା ବୃତ୍ତସ୍ୱରୂପ ପ୍ରତିଭାକୁ କେନ୍ଦ୍ରକରି ତା'ରି ଆଡ଼କୁ ଅନାଇ ଥାଏ । ପ୍ରତିଭା କିଛି ସମୟ ପରେ ଚୈତନ୍ୟ ଲାଭକରି କହିଲା, 'କେଉଁଠିକି ଯିବା ଚାଲନ୍ତୁ ।' ପ୍ରକାଶ ଉଠିପଡ଼ି ଲୋକଙ୍କୁ ଚାଲି ଯିବାପାଇଁ ଚିତ୍କାର କରି କହୁଛନ୍ତି – କେତେ ଚାଲିଯାଉଛନ୍ତି, ପୁଣି କେତେକ ଆସୁଛନ୍ତି, ମାତ୍ର ଭିଡ଼ ଭାଙ୍ଗୁନାହିଁ । ଶେଷରେ ପୁଣି ପଛଆଡୁ କୋଳାହଳ ଆରମ୍ଭ ହେଲା । ଭିଡ଼କଟାଇ କିଏ ଯେପରି ପେଲି ଆସୁଛି 'ବାଟ ଛାଡ଼, ବାଟଛାଡ଼' ବୋଲି ହୁରି ଶୁଣାଗଲା । 'ହରିବୋଲ' ଦେଇ ଦେଇ ଲୋକେ ପାଗଳ ପ୍ରାୟ ହୋଇ ଉଠିଲେ । ଶେଷରେ ନବୀନ ଆସି ଛିଡ଼ା ହୋଇଗଲା । ତାଙ୍କର ଦୃଷ୍ଟି ପ୍ରତିଭା ଉପରେ ପଡ଼ିଗଲା । ପ୍ରତିଭାର ମଧ୍ୟ ଦୃଷ୍ଟି ତାଙ୍କ ଉପରେ ପଡ଼ିଲା । କିଛିକ୍ଷଣ ଦୁହେଁ ପରସ୍ପରକୁ ଅପଲକ ଚକ୍ଷୁରେ ଚାହିଁ ରହିଲେ ।

ଅଳ୍ପ ଦୂରରେ ମହେନ୍ଦ୍ରବାବୁ ବିଷଣ୍ଣ ଭାବରେ ଏ ଦୁହିଁଙ୍କ ଆଡ଼କୁ ଅନାଇ ରହିଥାନ୍ତି ।

ପ୍ରତିଭାକୁ କୈଫିୟତ ଦେବାକୁ ବ୍ୟଗ୍ର ହୋଇ ନବୀନ ପ୍ରକାଶଙ୍କୁ ଆବେଗଭରେ କହିବାକୁ ଆରମ୍ଭ କଲେ, ମୁଁ କାଲି ଆସି ଷ୍ଟେସନରେ ପହଞ୍ଚିଥାନ୍ତି, ମାତ୍ର ଛମକାରୁ ଚାଲି ଚାଲି ଆସି ଷ୍ଟେସନରେ ପହଞ୍ଚିବାବେଳକୁ ଗାଡ଼ି ଛାଡ଼ି ଦେଇଥିଲା । କି ଅତ୍ୟାଚାର ସେଠି ଘଟିଛି – ଲୋକେ ... ।' ପ୍ରକାଶ ଆଉ ବେଶି ଏ କଥା ନ ଶୁଣି ଛିଡ଼ା ହୋଇ ପଡ଼ି କହିଲେ, 'ମୋର ଶ୍ରମ ସାର୍ଥକ ହୋଇଛି – ବିପ୍ଳବର ଗଣ୍ଠି ହୋଇ ତୁମେ ଦୁଇଜଣ ବନ୍ଧା ରହ; ଦୁଃଖ ହିଁ ଚିରସୁଖ ହେଉ । ନିର୍ଦ୍ଧନତା ହିଁ ସମ୍ପଦ ହେଉ, ବିଚ୍ଛେଦ ହିଁ ତୁମର ମଧୁର ମିଳନ ହେଉ । ତାହା ହିଁ ମୋହର ଆଦର୍ଶ ବିପ୍ଳବୀଙ୍କୁ ଆର୍ଶୀବାଦ ।'